## ସଂକ୍ଷେପରେ

### ମାନବାଧିକାର କମିଶନଙ୍କ ନିର୍ଦ୍ଦେଶକୁ ଅଣଦେଖା

**ପାତ୍ରପୁର,୧୪।୭(ଡି.ଏନ୍.ଏ.):** ପୋଲିସ କର୍ମଚାରୀଙ୍କ ଧକ୍କାରେ ଜରଡ଼ା ଥାନା ପାତ୍ରପୁର ଗ୍ରାମର ମାମି ଅଧିକାରୀଙ୍କ ଗର୍ଭନଷ୍ଟ ହୋଇଥିଲା। ଏଥିପାଇଁ ମାନବାଧିକାର କମିଶନ ଏକମାସ ମଧ୍ୟରେ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା କ୍ଷତପୂରଣ ଦେବା ଲାଗି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପୀଡ଼ିତାଙ୍କୁ ଏହି ସହାୟତା ରାଶି ମିଳି ନ ଥିବା ପୀଡ଼ିତାଙ୍କ ସ୍ୱାମୀ କୁଞ୍ଜ ଅଭିଯୋଗ କରିଛନ୍ତି। ୫ ବର୍ଷ ତଳେ ଏକ ମାମଲା (ନଂ. ୮୮/୧୪)ରେ ଅଭିଯୁକ୍ତ ଥିବା କୁଞ୍ଜଙ୍କୁ ଧରିବା ପାଇଁ ଜରଡ଼ା ପୋଲିସ ରାତିଅଧରେ ପାତ୍ରପୁରସ୍ଥିତ ତାଙ୍କ ଘରେ ଚଢ଼ାଉ କରିଥିଲା। ଏଥିରେ ମାମି ବାଧକ ହେବାରୁ ପୋଲିସ କର୍ମଚାରୀ ତାଙ୍କୁ ଧକ୍କା ଦେଇ ଘରେ ପଶିବାକୁ ଉଦ୍ୟତ ହୋଇଥିଲେ। ଫଳରେ ମାମିଙ୍କ ପେଟକୁ ଗଭୀର ଆଘାତ ଲାଗିଥିଲା। ପରେ ମାମିଙ୍କ ଏକ ମୃତ ଶିଶୁ ଜନ୍ମ ହୋଇଥିଲା। ଏ ନେଇ ମାମି ଓ ତାଙ୍କ ସ୍ୱାମୀ ବ୍ରହ୍ମପୁର ସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପରେ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ଆଣିଥିଲେ।

### ସାହିତ୍ୟ ଅନୁଷ୍ଠାନର ବର୍ଷା ଆସର

**ବ୍ରହ୍ମପୁର ଅଫିସ,୧୪।୭:** ଦେବରାଜ ସାହିତ୍ୟ ଅନୁଷ୍ଠାନର ବର୍ଷା ଆସର ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ଡା. ଚନ୍ଦ୍ରମଣି ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ରାମକୃଷ୍ଣ ସାହୁ ଯୋଗଦେଇଥିଲେ। ପ୍ରାଧ୍ୟାପକ ନିରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା, ଯୁବ ସାହିତ୍ୟିକ ଡ.ଲକ୍ଷ୍ମୀ ନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।
ଓଡ଼ିଆ କବିତାରେ ବର୍ଷାର ଭୂମିକା ନେଇ ଅତିଥିମାନେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ସୁଧାଞ୍ଜଳି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଚେତା ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।
କବି ଚନ୍ଦ୍ରଶେଖର ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ବି.ସତ୍ୟମ୍ ଆଚାରୀ, ମନୋଜ କୁମାର ପାଢ଼ୀ, ନିରଞ୍ଜନ ପଟ୍ଟନାୟକ, ଡା.ଚନ୍ଦ୍ରମଣି ସ୍ୱାଇଁ, ଡ.ଲକ୍ଷ୍ମୀ ନାରାୟଣ ଦାଶ, ପୀତାମ୍ବର ସାହୁ, ଡା. ରାମକୃଷ୍ଣ ସାହୁ, ସୁଧାଞ୍ଜଳି ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ନୀହାରିକା ସାହୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ବିଷ୍ଣୁ ପ୍ରସାଦ ତ୍ରିପାଠୀ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ ୨ ନାମଲେଖା

# ୨୦ କଲେଜ ପାଇଁ ନାହାନ୍ତି ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ୍,୧୪।୭**

■କଳାରେ ୧୧, ବିଜ୍ଞାନରେ ୩୯, ବାଣିଜ୍ୟରେ ୨୧ କଲେଜରେ ଆବେଦନକାରୀ ଶୂନ
■୧୩୧ଟି କଲେଜରେ ଖାଲି ପଡ଼ିଛି ୧୫ହଜାର ୭୧୩ ସିଟ୍

ଚଳିତବର୍ଷର ଯୁକ୍ତ ୨ ନାମଲେଖା ଚାଲୁ ରହିଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ସରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଶନିବାର କଟ୍‌ଅଫ୍ ମାର୍କ ପ୍ରକାଶ ପାଇବା ସହ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ତାଲିକା ମଧ୍ୟ ପ୍ରକାଶ ପାଇଛି। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ନାମ ଲେଖାଇବେ। ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ଗଞ୍ଜାମ ଜିଲାରେ ଆହୁରି ୧୫ହଜାର ୭୧୩ ସିଟ୍ ଖାଲି ପଡ଼ିଛି। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଛନ୍ତି' କଲେଜ ସଂଖ୍ୟା ବଢ଼ୁଥିବା ବେଳେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମୁଛି। ଏପରିକି ଜିଲାରେ ୨୦ କଲେଜରେ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇବା ପାଇଁ କେହି ଜଣେ ହେଲେ ଛାତ୍ରୀଛାତ୍ର ନାହାନ୍ତି, ଯାହା କଲେଜ କର୍ତ୍ତୃପକ୍ଷଙ୍କ ମୁଣ୍ଡବଥା ବଢ଼ାଇ ଦେଇଛି।
ଜିଲାର ୧୩୧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(କଲେଜ) ପାଇଁ ଚଳିତ ବର୍ଷ ନାମଲେଖା ଚାଲିଛି। ଏସବୁ କଲେଜଗୁଡ଼ିକରେ ମୋଟ ୪୨ହଜାର ୬୯୦ ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୨୬ହଜାର ୯୭୭ ସିଟ୍ ପୂରଣ ହୋଇଛି। କଳାରେ ୧୯ହଜାର ୭୭୭ ସିଟ୍ ଥିବା ବେଳେ ୧୬ହଜାର ୩୪୧ ପୂରଣ ହୋଇଛି। ୩ହଜାର ୪୩୬ ସିଟ୍ ଖାଲି ପଡ଼ିଛି। ବିଜ୍ଞାନରେ ୧୬ହଜାର ୯୨୯ ସିଟ୍ ଥିବା ବେଳେ ୮ହଜାର ୨୧୭ ସିଟ୍ ପୂରଣ ହୋଇଛି। ୮ହଜାର ୭୧୨ ସିଟ୍ ଖାଲି ପଡ଼ିଛି। ବାଣିଜ୍ୟରେ ୫ହଜାର ୧୮୪ ସିଟ୍‌ରୁ ୨ହଜାର ୯୨ ସିଟ୍ ପୂରଣ ଏବଂ ୩ହଜାର ୯୨ ସିଟ୍ ଖାଲି ପଡ଼ିଛି। ସଂସ୍କୃତରେ ୩୨୦ ସିଟ୍‌ରୁ ୧୬୭ ପୂରଣ ଏବଂ ୧୫୩ ସିଟ୍ ଖାଲିପଡ଼ିଛି। ଧନ୍ଦାମୂଳକ ଶିକ୍ଷାରେ ୪୮୦ ସିଟ୍‌ରୁ ୧୬୦ ପୂରଣ ଏବଂ ୩୨୦ ସିଟ୍ ଖାଲିପଡ଼ିଛି। ତେବେ ଖାଲି ପଡ଼ିଥିବା ସିଟ୍‌ଗୁଡ଼ିକ ପାଇଁ ଶନିବାର ଦ୍ୱିତୀୟ ପର୍ଯ୍ୟାୟ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇଛି। ତେବେ ଅନେକ କଲେଜର ମେଧା ତାଲିକା ପ୍ରକାଶ ପାଇ ନ ଥିବା ଦେଖାଯାଇଛି। କାରଣ ଦ୍ୱିତୀୟ ପର୍ଯ୍ୟାୟରେ ସଂପୃକ୍ତ କଲେଜଗୁଡ଼ିକରେ ନାମ ଲେଖାଇବା ପାଇଁ କେହି ଜଣେ ହେଲେ ଛାତ୍ରୀଛାତ୍ର ନାହାନ୍ତି। ଯେତିକି ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ, ପ୍ରଥମ ପର୍ଯ୍ୟାୟରେ ସେମାନେ ନାମ ଲେଖାଇବା ପରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆଉ କେହି ନାହାନ୍ତି। ମୋଟ୍ ସିଟ୍ ଠାରୁ ଆବେଦନକାରୀଙ୍କ ସଂଖ୍ୟା ଢ଼େର୍ କମ୍ ଥିବା ଯୋଗୁ ଏଭଳି ସ୍ଥିତି ଦେଖାଦେଇଛି। ବହୁତ ସିଟ୍ ଖାଲି ପଡ଼ିଛି। ଉଦାହରଣ ସ୍ୱରୂପ ଆସିକା ବିଜ୍ଞାନ କଲେଜ। ଏହି କଲେଜରେ ଯୁକ୍ତ ୨ ବିଜ୍ଞାନ ବିଭାଗରେ ରହିଛି ୨୫୬ ସିଟ୍। ପ୍ରଥମ ପର୍ଯ୍ୟାୟରେ ୯୯ଜଣ ନାମ ଲେଖାଇଛନ୍ତି। ଆହୁରି ୧୫୭ ସିଟ୍ ଖାଲି ପଡ଼ିଛି। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇବା ପାଇଁ ଆଉ କେହି ଆବେଦନକାରୀ ଛାତ୍ରୀଛାତ୍ର ନାହାନ୍ତି। ଜିଲାରେ ଏଭଳି ୨୦ କଲେଜ ଅଛି, ଯେଉଁ କଲେଜଗୁଡ଼ିକରେ ନାମ ଲେଖାଇବା ପାଇଁ ଏବେ ଜଣେ ହେଲେ ଆବେଦନକାରୀ ନାହାନ୍ତି। ସେହିପରି ୮୫ କଲେଜରେ କଳା ବିଷୟ ରହିଛି। ହେଲେ ୧୧ କଲେଜରେ କଳା ବିଷୟରେ ନାମ ଲେଖାଇବା ପାଇଁ କେହି ଛାତ୍ରୀଛାତ୍ର ନାହାନ୍ତି। ୯୨ କଲେଜରେ ବିଜ୍ଞାନ ବିଷୟ ରହିଛି। ଏଥିରୁ ୩୯ କଲେଜରେ ବିଜ୍ଞାନରେ ନାମଲେଖାଇବା ପାଇଁ କେହି ଛାତ୍ରୀଛାତ୍ର ନାହାନ୍ତି। ୩୫ କଲେଜରେ ବାଣିଜ୍ୟ ବିଷୟ ରହିଛି। ସେଥିରୁ ୨୧ କଲେଜରେ ବାଣିଜ୍ୟରେ ନାମ ଲେଖାଇବା ପାଇଁ କେହି ଛାତ୍ରୀଛାତ୍ର ନାହାନ୍ତି।
ପ୍ରଥମ ପର୍ଯ୍ୟାୟରେ ଅଳ୍ପ କେତେକ ସିଟ୍ ପୂରଣ ହୋଇଥିବା ବେଳେ ଏସବୁ କଲେଜଗୁଡ଼ିକରେ ବହୁତ ସିଟ୍ ଖାଲି ପଡ଼ିଛି। ଏଥିରେ ଅଧିକାଂଶ ଘରୋଇ କଲେଜ ରହିଛି। ବହୁ ଟଙ୍କା ଖର୍ଚ୍ଚ କରି କଲେଜ ଖୋଲିବା ପରେ କେହି ଛାତ୍ରୀଛାତ୍ର ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ ନ କରିବା, କଲେଜଗୁଡ଼ିକରେ ଶିକ୍ଷାଦାନ ବ୍ୟବସ୍ଥାକୁ ପଦାରେ ପକାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## 'ଭୋଟ ଓ ଗଣତନ୍ତ୍ର' ଆଲୋଚନାଚକ୍ର



ଆଲୋଚନା ଚକ୍ରରେ ମଞ୍ଚାସୀନ ବକ୍ତାମାନେ।

**ବ୍ରହ୍ମପୁର ଅଫିସ୍,୧୪।୭**

ମୁଭ୍‌ମେଣ୍ଟ ଫର୍ ସେକୁଲାର୍ ଡେମୋକ୍ରାସି (ଏମ୍‌ଏସ୍‌ଡି) ସଂଗଠନ ପକ୍ଷରୁ ରବିବାର ଅପରାହ୍ଣରେ ଉତ୍କଳ ଆଶ୍ରମଠାରେ ଏକ ଆଲୋଚନାଚକ୍ର 'ଭୋଟ୍ ଓ ଗଣତନ୍ତ୍ର' ଅନୁଷ୍ଠିତ ହୋଇଥିଲା। ସୋମନାଥ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଭୋଟ୍ ଏବଂ ଗଣତନ୍ତ୍ର ବ୍ୟବସ୍ଥାର ଉତ୍ପତ୍ତି, ବିକାଶ ଏବଂ ଭବିଷ୍ୟତ ଉପରେ ଏଥିରେ ବକ୍ତାମାନେ ଆଲୋଚନା କରିଥିଲେ। ସ୍ୱାଧୀନତା ପରଠୁ ଭାରତରେ ଗଣତନ୍ତ୍ର ବ୍ୟବସ୍ଥାରେ ୧୯୫୨ ମସିହାରୁ ଏ ପର୍ଯ୍ୟନ୍ତ ଅନେକ ନିର୍ବାଚନ ହୋଇଥିଲେ ମଧ୍ୟ ଜନସାଧାରଣଙ୍କୁ କେବଳ ପ୍ରତିଶ୍ରୁତି ମିଳିଛି। ମୌଳିକ ଆବଶ୍ୟକତା ଯଥା ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା, ଏପରିକି ପାନୀୟଜଳ ସମସ୍ୟାର ସମାଧାନ ହୋଇପାରି ନାହିଁ। ଗଣତାନ୍ତ୍ରିକ ଚିନ୍ତା, ଚେତନା, ଭାବନା ଧାରଣା, ବୈଜ୍ଞାନିକ ଯୁକ୍ତିବାଦୀ ମନନ ଉପରେ ଆକ୍ରମଣ ବଢ଼ୁଛି। ଗଣତନ୍ତ୍ରର ପ୍ରଗତିଶୀଳ ରୂପ ହରାଇ ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଭୋଟ୍ ଏକ ଭେଳିକିରେ ପରିଣତ ହୋଇଛି। ତେଣୁ ଗଣତନ୍ତ୍ରପ୍ରେମୀ ଛାତ୍ର, ଶିକ୍ଷକ, ବୁଦ୍ଧିଜୀବୀ, ସଚେତନ ଜନସାଧାରଣ ସଂଗଠିତ ହେବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଭଗବାନ ସାହୁ, ରାଜା ସୁରେଶ, ବିଷ୍ଣୁ ଦାସ, ବିଧୁପ୍ରଭା ରଥ, ଶିବାନୀ ଶଙ୍କର ମିଶ୍ର, ନିମାଇଁ ଚରଣ ସାହୁ, କାର୍ତ୍ତିକ ମହାନ୍ତି, ରଞ୍ଜନ ସେଠୀ, ଶାଶ୍ୱତ ମିଶ୍ର, ସନ୍ତୋଷ ବେହେରା, ଡି.ତିରୁପତି ଦୋରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ସମାରୋହ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବ୍ରହ୍ମପୁର ଅଫିସ,୧୪।୭**

ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ସଭାପତି ମନ୍ମଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ଶିକ୍ଷାବିତ ଡ. ବନମାଳୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ଡା. ବୃନ୍ଦାବନ ଚନ୍ଦ୍ର ପାଢ଼ୀ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡିଆ ଭାଷାର ସୁରକ୍ଷା, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦିଗରେ ସ୍ୱର୍ଗତ ରାୟଙ୍କ ଅବଦାନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ତାଙ୍କଦ୍ୱାରା ପ୍ରକାଶିତ ଉତ୍କଳ ଦୀପିକା ପତ୍ରିକା ଓଡିଆ ସାହିତ୍ୟ ଓ ଭାଷାକୁ ନୂତନ ଦିଗଦର୍ଶନ କରିଥିଲା ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ବୃନ୍ଦାବନ ଚନ୍ଦ୍ର ପାଢ଼ୀଙ୍କ 'ଗଞ୍ଜାମ ପର୍ଯ୍ୟଟନ', ବି. ଚିରଞ୍ଜୀବ ପାତ୍ରଙ୍କ କବିତା ସଂକଳନ 'ତୁମ ପାଇଁ' ଉନ୍ମୋଚିତ ହୋଇଥିଲା। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଛତିଶଗଡ଼ରେ ଓଡିଆ ଭାଷାର ପ୍ରଚାର ପ୍ରସାର କରିବା ସହ 'ଉତ୍କଳ ପ୍ରସଙ୍ଗ' ପତ୍ରିକାକୁ ବଣ୍ଟନ କରିଥିବାରୁ ସମ୍ମିଳନୀ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ଦାଶ, ଶିକ୍ଷାବିତ ଭିକାରୀ ଚରଣ ମହାପାତ୍ର, ନବୀନ କୁମାର ପଟ୍ଟନାୟକ, ପ୍ରଫେସର ରଘୁନାଥ ପାଢ଼ୀ ଶର୍ମା, ପ୍ରଫେସର ବ୍ରଜମୋହନ ସାସମଲ, ରମେଶ ଚରଣ ତ୍ରିପାଠୀ, ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ସମେତ ବହୁ କବୟିତ୍ରୀ, କବି, ଲେଖିକା ଲେଖକ ଉପସ୍ଥିତ ଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

**ହିଞ୍ଜିଳିକାଟୁ,୧୪।୭(ଡି.ଏନ୍.ଏ.):**

ହିଞ୍ଜିଳିକାଟୁ ଭାଗବତ କଥା ବିତରଣ ପରିଷଦ ପକ୍ଷରୁ ଚାରାରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ରବିବାର ହିଞ୍ଜିଳି ଥାନା ପରିସରରୁ ଶୁଭାରମ୍ଭ ହୋଇଛି। ୩ ଦିନିଆ ଏହି କାର୍ଯ୍ୟକ୍ରମକୁ ତହସିଲଦାର ଗୋପୀନାଥ କୁଅଁର ଓ ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପରିଷଦର ସଭାପତି ଦେବାନନ୍ଦ ମହାପାତ୍ରଙ୍କ ପୌରହିତ୍ୟରେ ଏଥିରେ ବିଭିନ୍ନ ଔଷଧୀୟ ଓ ଫଳଚାରା ରୋପଣ ଓ ବଣ୍ଟନ ପାଇଁ ଚଳିତବର୍ଷ ଗୁରୁତ୍ୱାରୋପ କରାଯାଇଛି। କାର୍ଯ୍ୟକ୍ରମରେ ପରିଷଦର ଉପସଭାପତି ଲକ୍ଷ୍ମୀନାରାୟଣ ପଣ୍ଡା, ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକ, ସମୀକ୍ଷକ ଡ. ରମେଶ ଚନ୍ଦ୍ର ଚୌଧୁରୀ, କୋଷାଧ୍ୟକ୍ଷ ନୀଳମାଧବ ଦ୍ୟାନସୁମନ୍ତ, ପୂର୍ଣ୍ଣବାସୀ ପାଣିଗ୍ରାହୀ, ସଂଯୁକ୍ତା ବେହେରା, ଶକୁନ୍ତଳା ସାହୁ, ପ୍ରଶାନ୍ତ କୁମାର ପଟ୍ଟନାୟକ, ବଂଶୀଧର ସାହୁ, ଏସ. ବଳରାମ ପାତ୍ର, ଆଲୋକ କୁମାର ନାୟକ, ରମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଚାମ୍ବର ଅଫ୍ କମର୍ସର ସାଧାରଣ ବୈଠକ


ବୈଠକରେ ଉପସ୍ଥିତ ଚାମ୍ବର୍‌ର ସଦସ୍ୟମାନେ।

**ବ୍ରହ୍ମପୁର ଅଫିସ୍,୧୪।୭**

ଗଞ୍ଜାମ ଚାମ୍ବର ଅଫ୍ କମର୍ସର ୫୧ତମ ବାର୍ଷିକ ସାଧାରଣ ବୈଠକ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭି.ଭି. ରାମା ନରସିଂହ ରାଓ ଅଧ୍ୟକ୍ଷତା କରିଥିଲେ। ଅତିଥି ବକ୍ତା ଭାବେ ଟାଟା ଷ୍ଟିଲ୍ ଏସ୍‌ଇଜେଡ୍‌ର ମ୍ୟାନେଜର୍ ସୌରଭ ପୃଷ୍ଟି ଏବଂ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ସହକାରୀ ନିର୍ଦ୍ଦେଶକ ଶିବାନନ୍ଦ ନାୟକ ଯୋଗଦେଇଥିଲେ। ସମ୍ପାଦକ ସନ୍ତୋଷ କୁମାର ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସାକା ଶ୍ରୀକାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଜୀବନ ସଦସ୍ୟମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡି.ଏଲ୍. ନାରାୟଣ ଅଡିଟ୍ ରିପୋର୍ଟ ଉପସ୍ଥାପନ କରିଥିଲେ। ଶେଷରେ ଇ. ଶିବ ପ୍ରସାଦ ରାଓ ଧନ୍ୟବାଦ ଦେଇଥିଲେ।

## ଆର୍ଯ୍ୟଭଟ୍ଟ ପକ୍ଷରୁ ପାହାଡରେ ମଞ୍ଜିରୋପଣ

**ବ୍ରହ୍ମପୁର ଅଫିସ,୧୪।୭**

ଗଞ୍ଜାମ ଜିଲାର ଲଣ୍ଡା ପାହାଡଗୁଡ଼ିକୁ ସବୁଜ ବନାନୀରେ ପରିଣତ କରିବାକୁ ପ୍ରୟାସ ଆରମ୍ଭ କରିଛି ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ। ସିଡ୍‌ବଲ ମାଧ୍ୟମରେ ପାହାଡରେ ବିଭିନ୍ନ ବୃକ୍ଷ ମଞ୍ଜି ବୁଣିବା ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନର ପ୍ରଥମ ଦିନ ଶୁକ୍ରବାର ଚିଙ୍କିଟି ବାଳକୁମାରୀ ପାହାଡ଼ରେ ସିଡବଲ ମାଧ୍ୟମରେ ମଞ୍ଜିରୋପଣ କରାଯାଇଥିଲା। ରବିବାର ହିଞ୍ଜିଳିକାଟୁ, ଆସିକା ଅଞ୍ଚଳରେ ଥିବା ଦୁଇଟି ପାହାଡରେ ସିଡବଲ ମାଧ୍ୟମରେ ମଞ୍ଜିରୋପଣ କରାଯାଇଛି। ୨ ପାହାଡରେ ଫାଉଣ୍ଡେଶନ ପକ୍ଷରୁ ୧୦ ହଜାର ସିଡ୍‌ବଲ ଦ୍ୱାରା ବିଭିନ୍ନ ବୃକ୍ଷର ମଞ୍ଜିରୋପଣ କରାଯାଇଛି। ଏଥିସହ ହିଞ୍ଜିଳିକାଟୁ ସମେତ ଆସିକା, କାଳଷଣ୍ଢପୁର ଅଞ୍ଚଳରେ ପରିବେଶ ଯାତ୍ରା ସଚେତନତା ପଦଯାତ୍ରା ହୋଇଥିଲା। ପଲିଥିନ ବର୍ଜନ, ଜଳ ସଂରକ୍ଷଣ, ଜଳ ପ୍ରଦୂଷଣ ରୋକିବା, ଚାରାରୋପଣ କରିବା ନେଇ ପଥପ୍ରାନ୍ତ ସଭା ମାଧ୍ୟମରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ଚେୟାରମ୍ୟାନ ସୁଧୀର କୁମାର ରାଉତଙ୍କ ସମେତ ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡଙ୍ଗା, ସୁଶାନ୍ତ ମହାନ୍ତି, ଭୀମରାଜୁ ପାତ୍ର, ମାଧବ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଜଗନ୍ନାଥ ସାହିରେ ଭଜନ ସମାରୋହ

**କବିସୂର୍ଯ୍ୟନଗର,୧୪।୭**

ମହାପ୍ରଭୁଙ୍କ ସୁନାବେଶ ଅବସରରେ ଜଗନ୍ନାଥ ସାହିରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୋଲସରା, ସୋରଡ଼ା, ରାୟପୁର ଅଞ୍ଚଳରୁ ଗାୟକାର ଯୋଗ ଦେଇଥିଲେ। ପ୍ରାକ୍ତନ ଏନ୍‌ଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ମଧ୍ୟରେ ଗଣମାଧ୍ୟମ ପ୍ରତିନିଧି କୃପାସିନ୍ଧୁ ସ୍ୱାଇଁ, ରସଲ ଦାସ, ଗୋପିନାଥ ଦଳାଇ, ଦିଲୀପ ସାହୁ, ସୁଦର୍ଶନ ପ୍ରଧାନ, ବାସୁଦେବ ସାହୁ, ମୁନା ସ୍ୱାଇଁ, ରାକେଶ ପ୍ରଧାନ, ଭାଲୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଜଗନ୍ନାଥ ସାହିବାସିନ୍ଦା ଆୟୋଜନ କରିଥିଲେ।

## ସିଟି କଲେଜରେ ବନ ମହୋତ୍ସବ

**ବ୍ରହ୍ମପୁର ଅଫିସ,୧୪।୭**

ବ୍ରହ୍ମପୁର ସିଟି କଲେଜ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସଏସ ଓ ଯୁବ ରେଡକ୍ରସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କଲେଜ ଅଧକ୍ଷା ପୁଷ୍ପାଞ୍ଜଳି ସାବତଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ହୋଇଥିଲା। ସଭାରେ ରେଞ୍ଜର ଏ. ରାଜାରାଓ ସୁବୁଦ୍ଧି, ବନ୍ୟପ୍ରାଣୀ ସଂରକ୍ଷଣ ପରାମର୍ଶଦାତା ଚନ୍ଦନ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରାରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରେ କଲେଜ କ୍ୟାମ୍ପସ ପରିସରରେ ଚାରାରୋପଣ କରାଯାଇଥିଲା। ଇତିହାସ ବିଭାଗ ଅଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏନ୍‌ଏସଏସ ଅଫିସର ସସ୍ମିତା ମିଶ୍ର, ସୁଦାମ ବିଷୋୟୀ, ହିମାଂଶୁ ଶେଖର ଗୌଡ, ଯୁବ ରେଡକ୍ରସର ମିନତି ସୁବୁଦ୍ଧି ଓ ପ୍ରଦୀପ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଏସ. ବିନୋଦ ଦାଶ, ସୁଧାଂଶୁ ପାଣିଗ୍ରାହୀ, ଦ୍ୱିତୀକୃଷ୍ଣ ପାଣିଗ୍ରାହୀ, କାହ୍ନା ସାହୁ, ଆଶା ପାଣିଗ୍ରାହୀ, ଲିପି ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ଚାରାରୋପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ରାସ୍ତା ସମ୍ପ୍ରସାରଣ ପାଇଁ ଗଛକଟା

**ବ୍ରହ୍ମପୁର ଅଫିସ୍,୧୪।୭**

■ସାମାଜିକ କର୍ମୀଙ୍କ ବିରୋଧ ପରେ ବନ୍ଦ, ଟଳିଲା ୮ଗଛ
■ନିର୍ଦ୍ଦେଶ ବାତିଲ କଲା ବନ ବିଭାଗ

ବାତ୍ୟା ପ୍ରଭାବିତ ଗଞ୍ଜାମ ଜିଲାରେ ସବୁଜିମା ପାଇଁ ସରକାରୀ ଏବଂ ବେସରକାରୀସ୍ତରରେ ପଦକ୍ଷେପ ନିଆଯାଉଛି। ସ୍କୁଲ ପିଲାଙ୍କୁ 'ପିଲାଟିଏ ଗଛଟିଏ' କାର୍ଯ୍ୟକ୍ରମ ଜରିଆରେ ଚାରାରୋପଣ ପାଇଁ ଉତ୍ସାହିତ କରାଯାଉଛି। ଜିଲା ପ୍ରଶାସନ ତରଫରୁ ମଧ୍ୟ ବ୍ୟାପକ ଚାରାରୋପଣ କରାଯାଉଛି। ମାତ୍ର ପ୍ରଶାସନ ନିଜେ ଗଛକାଟି ସହରର ସବୁଜିମାକୁ ନଷ୍ଟ କରୁଛି। ରବିବାର ଏପରି ଦେଖିବାକୁ ମିଳିଛି। ରାସ୍ତା ସଂପ୍ରସାରଣ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲ୍ ରାସ୍ତାର ଉଭୟ ପଟରୁ ଗଛ କଟାଯାଉଥିବା ବେଳେ ସାମାଜିକ କର୍ମୀମାନେ ପହଞ୍ଚି ବିରୋଧ କରିଛନ୍ତି। ଏହାପରେ ଗଛକଟା ବନ୍ଦ ହୋଇଛି। ତେବେ ୮ଟି ବଡ଼ ବଡ଼ ଗଛ କଟାଯାଇ ସାରିଥିବାରୁ ଏହା ବ୍ୟଥିତ କରିଛି।
ସୂଚନାଯୋଗ୍ୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ଦୁଇ ଫାଟକକୁ ସଂଯୋଗ କରୁଥିବା ରାସ୍ତାର ସଂପ୍ରସାରଣ, ଡିଭାଇଡର୍ ନିର୍ମାଣ ସହ ଲାଇଟ୍ ଲଗାଇବା ପାଇଁ ଚିକିତ୍ସାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଏ ନେଇ ସେମାନେ ପୂର୍ତ୍ତ ବିଭାଗକୁ ଅନୁରୋଧ କରିଥିଲେ। ପୂର୍ତ୍ତ ବିଭାଗ ତରଫରୁ ୮କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ବର୍ତ୍ତମାନ ରାସ୍ତାର ଚଉଡ଼ା ୫ମିଟର ଥିବା ବେଳେ ତାହାକୁ ୧୫ମିଟର ଚଉଡ଼ା କରାଯିବ। ଏହି ରାସ୍ତାର ଉଭୟ ପଟେ ପ୍ରାୟ ୧୮୮ଟି ବଡ଼ ବଡ଼ ଗଛ ରହିଛି। ରାସ୍ତା ଚଉଡା ପାଇଁ ଗଛ କାଟିବା ଆବଶ୍ୟକ ରହିଥିଲା। ଏ ନେଇ ପୂର୍ତ୍ତ ବିଭାଗ ତରଫରୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ଅନୁମତି ମଗାଯାଇଥିଲା। ବିଭାଗ ଗଛ କାଟିବା ଦାୟିତ୍ୱ ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି)କୁ ପ୍ରଦାନ କରିଥିଲା। ତେଣୁ ରବିବାର ଓଏଫ୍‌ଡିସିର କର୍ମଚାରୀମାନେ ପହଞ୍ଚି ପୂର୍ତ୍ତ ବିଭାଗର ଅଧିକାରୀମାନଙ୍କ ଉପସ୍ଥିତିରେ ଗଛ କାଟିଥିଲେ। ଦେଖୁଦେଖୁ ୮ଟି ବଡ଼ ବଡ଼ ଗଛକୁ କାଟି ଦିଆଯାଇଥିଲା। ଖବରପାଇ


କଟା ହୋଇଥିବା ଗଛ।

ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏମ୍. ଦିଲୀପ କୁମାର, ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ କୁମାର ଗୟାଙ୍କ ସମେତ ବହୁ ପରିବେଶ କର୍ମୀ ପହଞ୍ଚି ଗଛକଟାକୁ ବିରୋଧ କରିଥିଲେ। ବାରମ୍ବାର ବାତ୍ୟା ଯୋଗୁ ସହରରେ ଗଛ ସଂଖ୍ୟା କମୁଥିବା ବେଳେ ପ୍ରଶାସନର ଏପରି କାର୍ଯ୍ୟକୁ ସେମାନେ ନିନ୍ଦା କରି କୁରାଢ଼ି, କଟର୍ ଛଡ଼ାଇ ରଖିଥିଲେ। ଏହାକୁ ନେଇ ଓଏଫ୍‌ଡିସି ଏବଂ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ବିଏନ୍‌ପୁର ଥାନା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ପରିବେଶ କର୍ମୀଙ୍କ ତୀବ୍ର ବିରୋଧ ପରେ ଗଛକଟା ବନ୍ଦ ହୋଇଥିଲା।
ପୂର୍ବତନ ବିଡିଏ ଅଧକ୍ଷ ମହାରଣା କୁହନ୍ତି, ମେଡ଼ିକାଲ୍ ରାସ୍ତାର ଗୋଟିଏ ପଟେ ଫାଟକ ବନ୍ଦ ରହିଥିବା ଯୋଗୁ ରାସ୍ତା ସଂପ୍ରସାରଣ ଆବଶ୍ୟକ ନାହିଁ। ବର୍ତ୍ତମାନ ଯେତିକି ଚଉଡ଼ା ରହିଛି, ସେଥିରେ ଡିଭାଇଡର୍ ନିର୍ମାଣ ହୋଇପାରିବ। ଗଛ କାଟିବା ଅନାବଶ୍ୟକ ବୋଲି ସେ କହିଛନ୍ତି। ପୂର୍ତ୍ତ ବିଭାଗର ଏସ୍‌ଡିଓ ବଳରାମ ଅଧିକାରୀ କହିଛନ୍ତି, ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବ ଅନୁଯାୟୀ ରାସ୍ତା ସଂପ୍ରସାରଣ ହେଉଛି। ଗଛ କାଟିବାକୁ ବିରୋଧ ପରେ କାମ ବନ୍ଦ ରହିଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ ବେହେରା କହିଛନ୍ତି, ପୂର୍ତ୍ତ ବିଭାଗ ଅନୁରୋଧ ଅନୁଯାୟୀ ଗଛ କାଟିବାକୁ ଓଏଫ୍‌ଡିସିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗଛ କାଟିବା ନିର୍ଦ୍ଦେଶକୁ ବାତିଲ୍ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ହିଞ୍ଜିଳିକାଟୁ ବଜାରରେ ସିରିଜ ଚୋରି

ଗୋଟିଏ ରାତିରେ ୯ ଦୋକାନରୁ ଚୋରି



**ହିଞ୍ଜିଳିକାଟୁ,୧୪।୭(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ପରିବା ବଜାରର ୯ଟି ଦୋକାନରୁ ଶନିବାର ରାତିରେ ଚୋରି ହୋଇଛି। ଏହିସବୁ ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଚୋରାଇ ନେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଦୀର୍ଘ ସମୟ ଯାଏ ଦୁର୍ବୃତ୍ତଙ୍କ ଲୁଟତରାଜ ଚାଲିଥିଲେ ମଧ କେହି ସୁରାକ ପାଇ ନ ଥିଲେ। ଶନିବାର ରାତିରେ ବଇଁଚବଣିଆ ଜଗନ୍ନାଥ ମନ୍ଦିର ନିକଟରେ ସୁନାବେଶ ଉପଲକ୍ଷେ ନାଟକ ମଞ୍ଚସ୍ଥ ହୋଇଥିଲା। ତେଣୁ ସାରା ରାତି ସହରରେ ଗହଳି ଲାଗି ରହିଥିଲା। ସହରର ଗୁରୁତ୍ୱପୂର୍ଣ୍ଣ ବିଜୁ ପଟ୍ଟନାୟକ ଛକରେ ରାତିରେ ପୋଲିସ ପାଟ୍ରୋଲିଂ ସତ୍ତ୍ୱେ ଥାନା ପାଚେରିକୁ ଲାଗି ରହିଥିବା ଦୋକାନରୁ ଏହି ସିରିଜ ଚୋରି ଘଟଣାକୁ କେହି କିପରି ଜାଣି ପାରିଲେ ନାହିଁ ସେନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଶନିବାର ସାପ୍ତାହିକୀ ହାଟ ଥିବାରୁ ଦୋକାନୀମାନେ ବିଳମ୍ବରେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିଥିଲେ। ରବିବାର ସକାଳେ ଜଣେ ବ୍ୟବସାୟୀ ଦୋକାନ ଖୋଲିବାକୁ ଯାଇ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଏନେଇ ପାଖ ଦୋକାନ ମାଲିକଙ୍କୁ ମଧ ଖବର ଦେଇଥିଲେ। ସମସ୍ତେ ପହଞ୍ଚି ଅନୁଧାନ କଲାପରେ ଉକ୍ତ ଅଞ୍ଚଳରେ ଥିବା ୯ଟି ଦୋକାନର ତାଲା ଭାଙ୍ଗି ଚୋରି ହୋଇଥିବା ଜଣା ପଡ଼ିଥିଲା। ଦୁର୍ବୃତ୍ତମାନେ ବିଭିନ୍ନ ଦୋକାନରୁ ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଚୋରି କରିନେଇଛନ୍ତି। ଖବରପାଇ ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାଶ ସଦଳବଳ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଥିଲେ। ବ୍ୟବସାୟୀ କିରଣ ସାବତ, ତ୍ରିଲୋଚନ ପାତ୍ର, ଦୀନବନ୍ଧୁ ସାବତ, ପ୍ରଦୀପ ପାତ୍ର, ଅକ୍ଷୟ ସାବତ, ବିଭୂତି ସାବତ, ବିଜୟ ପାଢ଼ୀ, ରାଜୁ ସାବତଙ୍କ ପ୍ରତିଷ୍ଠାନରୁ ନଗଦ ଟଙ୍କା ଓ ଜିନିଷ ଚୋରି ହୋଇଥିବା ଜଣାପଡିଛି।

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭଞ୍ଜନଗର,୧୪।୭(ଡି.ଏନ.ଏ.):** ଭଞ୍ଜନଗର ବ୍ଲକ ଯୋଗୀମାରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନ, ସାନକୋଦଣ୍ଡା ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ଅଭିରାମ ଭୂୟାଁ ଚାକିରିରୁ ଅବସର ନେଇଛନ୍ତି। ରବିବାର ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ସାନକୋଦଣ୍ଡା କ୍ଲଷ୍ଟରର ସିଆରସିସି ଗଙ୍ଗାଧର ରାଓଙ୍କୁ ବିଦାୟ ଓ ନୂଆ ସିଆରସିସି ସନ୍ତୋଷ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏ ନେଇ ସୋରାଦେବୀ ମନ୍ଦିର ପରିସରରେ ବିଇଓ ଏସ୍.ଧନଞ୍ଜୟଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ସଭାରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟ ଅତିଥି, ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ଏବିଇଓ ହୃଷୀକେଶ ସ୍ୱାଇଁ, ଭାସ୍କର ଲେଙ୍କା, ଜଗବନ୍ଧୁ ଜେନା, ନେତାଜୀ ବିଷୋୟୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ ଜେନା ସଭା ସଂଯୋଜନା କରିଥିବା ବେଳେ ସୀମାଞ୍ଚଳ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟ ପାଚେରି ନାହିଁ, ଛାତ୍ରୀ ଅସୁରକ୍ଷିତ

**ଦାରିଙ୍ଗବାଡ଼ି,୧୪।୭(ଡି.ଏନ.ଏ)**

ବିଦ୍ୟାଳୟ ପାଚେରି ନାହିଁ, ଅସୁରକ୍ଷିତ ଭାବେ ଛାତ୍ରୀମାନେ ଖେଳାବୁଲା କରୁଛନ୍ତି। ପାଚେରୀ ନିର୍ମାଣ ପାଇଁ ଅଞ୍ଚବାସୀ ବହୁଦିନ ହେଲା ଦାବି କରିଆସୁଥିଲେ ସୁଦ୍ଧା ପ୍ରଶାସନର ଅବହେଳା ଯୋଗୁ ହୋଇପାରି ନାହିଁ। ଏଭଳି ସମସ୍ୟା ଦେଖିବାକୁ ମିଳିଛି ଦୁର୍ଗମ ଗ୍ରାମ ସୁଜାମାଜୁ ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟରେ। ହଷ୍ଟେଲରେ ଚତୁର୍ଥରୁ ଦଶମ ପର୍ଯ୍ୟନ୍ତ ୧ଶହ ଛାତ୍ରୀ ରହୁଛନ୍ତି। ହଷ୍ଟେଲ ଠାରୁ ପ୍ରାୟ ୧ କିମି ଦୂରରେ ହାଇସ୍କୁଲ ରହିଛି। ସେଠାକୁ ନବମ ଓ ଦଶମ ଛାତ୍ରୀ ପଢିବାକୁ ଯାଉଛନ୍ତି। ହଷ୍ଟେଲକୁ ଲାଗି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପାଇଁ ବିଦ୍ୟାଳୟ ରହିଛି। ତେବେ ହଷ୍ଟେଲର ପାଚେରି ରହିଥିବାବେଳେ ତା ନିକଟକୁ ଲାଗି ରହିଥିବା ବିଦ୍ୟାଳୟର ପାଚେରି ନାହିଁ। ଫଳରେ ହଷ୍ଟେଲ ଛାତ୍ରୀମାନେ ମୁକୁଳା ପଡିଥିବା ବିଦ୍ୟାଳୟ ପଡିଆରେ ଖେଳକୁଦ କରୁଛନ୍ତି। ବିଦ୍ୟାଳୟରେ



ସୁଜାମାଜୁ ବିଦ୍ୟାଳୟ ପରିସର ମୁକୁଳା ପଡିଛି।

**ପାଚେରି ନିର୍ମାଣ, ଶିକ୍ଷକ ନିଯୁକ୍ତି ଦାବି**

ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୧୮୭ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ହଷ୍ଟେଲରେ କେବଳ ୧ ଶହ ଜଣ ଛାତ୍ରୀ ରହୁଛନ୍ତି। ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍କଳକେଶରୀ ବିବାର ମଧ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ହଷ୍ଟେଲ ସୁରକ୍ଷିତ ରହିଛି କିନ୍ତୁ ଛାତ୍ରୀମାନେ ବିଦ୍ୟାଳୟ ଖେଳ ପଡିଆରେ ଖୋଲାରେ ଖେଳକୁଦ କରୁଛନ୍ତି। ପାଚେରି ନିହାତି ଆବଶ୍ୟକ। ସେ ଏବେ ଦାୟୀତ୍ୱ ନେଇଛନ୍ତି। ବ୍ୟାଙ୍କରେ ଦସ୍ତଖତ ବଦଳି ନ ଥିବାରୁ ସେ ବିଦ୍ୟାଳୟରେ ଅସ୍ଥାୟୀ ପାଚେରି ନିର୍ମାଣ କରିପାରୁନାହାନ୍ତି। ଏନେଇ କମିଟି ସହ ଆଲୋଚନା ମଧ କରିଛନ୍ତି। ବାଲିଗୁଡ଼ା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ ଜଣାଇ ସ୍ଥାୟୀ ପାଚେରି ନିର୍ମାଣ କରିବାକୁ ନିବେଦନ କରିବେ ବୋଲି କହିଛନ୍ତି। ଏନେଇ ଦାରିଙ୍ଗବାଡ଼ି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗୁଳି ଚରଣ ପ୍ରଧାନ ମଧ ପାଚେରି ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟକୁ ହାଇସ୍କୁଲରେ ପରିଣତ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପାଳି କରି ପ୍ରଥମରୁ ଦଶମ ପର୍ଯ୍ୟନ୍ତ କେବଳ ୬ଜଣ ପ୍ରାଥମିକ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଇଂଲିଶ, ବିଜ୍ଞାନ, ସଂସ୍କୃତ, ଓଡ଼ିଆ ଆଦି ପଢ଼ାଇବାକୁ ଶିକ୍ଷକ ନାହାନ୍ତି। ଦୁର୍ଗମ ଅଞ୍ଚଳରେ ଉକ୍ତ ବିଦ୍ୟାଳୟ ରହିଥିବାରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବା ଗ୍ରାମର ଦାଲୁଙ୍ଗା ପ୍ରଧାନଙ୍କ ସମେତ ନବୀନ ଦିଗାଳ, ସାମେଲ ପ୍ରଧାନ ପ୍ରମୁଖ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବାଲ୍ୟ ବିବାହ ମୁକ୍ତ ସମାଜ ଗଠନରେ ବାଳିକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଅନନ୍ୟା ବାଳିକା ମହାସଂଘର ସଦସ୍ୟ ଓ ଅନ୍ୟମାନେ।

**ଫୁଲବାଣୀ ଅଫିସ,୧୪।୭**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ଡବମାହାଠାରେ ରବିବାର ଅନନ୍ୟା ବାଳିକା ମହାସଂଘ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ନିମନ୍ତେ ବାଳିକା ମହାସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ମହାସଂଘ ତରଫରୁ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନତା ଜାରୀ ରଖିବା, ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ କରିବା, ଶିଶୁ ଅଧିକାରକୁ ବ୍ୟାପକ କରିବା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଏ ସମସ୍ତ କାର୍ଯ୍ୟକ୍ରମ କରିବା ବେଳେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଗଣମାଧମ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଉପଦେଶ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଯୋଗଦେଇ ମହାସଂଘର ଭୂମିକାକୁ ନେଇ ଖୁସି ପ୍ରକଟ କରିଥିଲେ। ଏଥିସହିତ ବାଲ୍ୟ ବିବାହର ଆଇନଗତ ଦିଗ ଉପରେ ମଧ ଆଲୋଚନା କରି ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା ଗଣମାଧମ ପ୍ରତିନିଧିମାନେ କିଶୋରୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେହିପରି ଗଣମାଧମ ପ୍ରତିନିଧିମାନେ ଡ଼ବମାହା ଗ୍ରାମର ବାଲ୍ୟ ବିବାହର ସ୍ଥିତି ସମ୍ପର୍କରେ ଜାଣିବା ସହ କିଭଳି ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ କରାଯାଇ ପାରିବ ସେ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମର କିଶୋରୀ କିଶୋରଙ୍କ ସମସ୍ୟା ସମ୍ପର୍କରେ ମଧ ଆଲୋଚନା କରିଥିଲେ। ସ୍ୱାତୀ ସମ୍ପାଦକ ଇଂ. ହରିଶଙ୍କର ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାତୀର କର୍ମୀ ପ୍ରଦୀପ କୁମାର ସ୍ୱାଇଁ, ସର୍ବେଶ୍ୱର ସାହୁ, ଅଶୋକ କୁମାର ତ୍ରିପାଠୀ, ମଧୁସ୍ମିତା ତ୍ରିପାଠୀ, ସସ୍ମିତା ବେହେରା, ଅନନ୍ତ ଚରଣ ମଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ମହାସଂଘର ସଦସ୍ୟାମାନଙ୍କ ସମେତ ଶତାଧିକ କିଶୋରୀ ବାଳିକା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କ.ନୁଆଗାଁ ବ୍ଲକ୍‌ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ଅନନ୍ୟା ପ୍ରକଳ୍ପ ଦ୍ୱାରା ଏହି ବାଳିକା ମହାସଂଘ ଗଠନ କରାଯାଇ ବାଲ୍ୟ ବିବାହ ମୁକ୍ତ ବ୍ଲକ୍ ରୂପେ ଗଢ଼ିବା ପାଇଁ ପ୍ରୟାସ ଜାରି ରହିଛି।

### ମନ୍ଦିରକୁ ଫେରିଲେ ତିନି ଠାକୁର

**ବୁଗୁଡ଼ା,୧୪।୭(ଡି.ଏନ.ଏ.)**

ବୁଗୁଡ଼ାରେ ରବିବାର ଅପରାହ୍ନରେ ରଥଟଣା ହେଲା ପରେ ତିନି ଠାକୁର ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବୁଗୁଡ଼ା ବଡ଼ଦାଣ୍ଡରେ ଅଟକି ରହିଥିବା ରଥରେ ବଡ଼ ଏକାଦଶୀ, ସୁନାବେଶ ଓ ଅଧରପଣା ପରେ ଅପରାହ୍ନରେ ଠାକୁରଙ୍କ ପୂଜା ଆଳତୀ କରାଯାଇଥିଲା। ଏହି ଅବସରରେ ଶ୍ରୀମନ୍ଦିରରୁ ଦେବୀ ମହାଲକ୍ଷ୍ମୀଙ୍କୁ ନିଜ ପଲଙ୍କରେ ବିରାଜମାନ କରାଇ ବାଦ୍ୟବାଜଣା, ବାଘ ବୃଷବ ଆଦି ବିଭିନ୍ନ ନୃତ୍ୟ ଠାକୁରଙ୍କ ରଥ ପାଖକୁ ନିଆଯାଇଥିଲା। ସେଠାରେ ମହାଲକ୍ଷ୍ମୀଙ୍କ ଜଗନ୍ନାଥଙ୍କ ସହ ଭେଟ ହେବା ପରେ ମହାଲକ୍ଷ୍ମୀ ଜଗନ୍ନାଥଙ୍କୁ ନିମନ୍ତ୍ରଣ କରି ମନ୍ଦିରକୁ ଫେରି କାବଟ ବନ୍ଦ କରି ଦେଇଥିଲେ। ରଥଟଣାରେ ବହୁ ଭକ୍ତଙ୍କ ଦ୍ୱାରା ହୁଳହୁଳି ଓ ହରିବୋଲ ହୋଇଥିଲା। ଶେଷରେ ରଥ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଇ ମନ୍ଦିରକୁ ନିଆଯାଇଥିଲା। ମନ୍ଦିରରେ ମହାଲକ୍ଷ୍ମୀ ଓ ଜଗନ୍ନାଥଙ୍କ ବାର୍ତ୍ତାଳାପ ପରେ ମହାଲକ୍ଷ୍ମୀ କବାଟ ଖୋଲିଥିଲେ। ପରେ ତିନି ଠାକୁରଙ୍କୁ ମନ୍ଦିର ସିଂହାସନରେ ବିରାଜମାନ କରାଯାଇଥିଲା। କାର୍ଯ୍ୟକ୍ରମରେ ତହସିଲଦାର ସଂଗ୍ରାମ କେଶରୀ ଜେନା, ସମ୍ପାଦକ ଶରତ ଚନ୍ଦ୍ର ମହାରଣା, ଦିନବନ୍ଧୁ ପାଣି, ରମେଶ ଚନ୍ଦ୍ର ପାଣି, ଦୁଃଖୀ ପାଣି, ସୁରେଶ ଚନ୍ଦ୍ର ପଣ୍ଡା, ପ୍ରଦ୍ୟୁମ୍ନ ପାତ୍ରଙ୍କ ସମେତ ରଥଯାତ୍ରା ପରିଚାଳନା କମିଟିର ସଭ୍ୟ ସହଯୋଗ କରିଥିଲେ।

# ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

**ଭଞ୍ଜନଗର,୧୪।୭(ଡି.ଏନ.ଏ.)**

କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ କଲେଜର ପୁରାତନ ଛାତ୍ରୀଛାତ୍ରମାନଙ୍କ ଏକ ବୈଠକ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋରାଚାନ୍ଦ ସ୍ୱାଇଁ ଅଧକ୍ଷତା କରିଥିଲେ। ଅଧକ୍ଷ ଅମୂଲ୍ୟ ଦାସ, ଅଧାପକ ବି.ଗୋବିନ୍ଦ ରାଓ, ପ୍ରଦୀପ କୁମାର ତ୍ରିପାଠୀ, ଗଙ୍ଗାଧର ଦାସ, ଅଧାପିକା ରନିବାଳା ତ୍ରିପାଠୀ, ସ୍ୱରୂପାରାଣୀ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଗୋରାଚାନ୍ଦ ସଭାପତି, ଦିବ୍ୟଲୋଚନ ବିଶ୍ୱାଳ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଉପ ସଭାପତି ଏସ୍.ଆରତୀ ପାତ୍ର, ପ୍ରହଲ୍ଲାଦ ଲେଙ୍କା, ଶିଶିର କୁମାର ସ୍ୱାଇଁ, ସହ ସମ୍ପାଦକ ଭାବେ ସ୍ୱସ୍ତି ସୁନ୍ଦର ସିଓ, ମନୋରମା ମିଶ୍ର, ଚିନ୍ମୟ ପଲାଇ, କୋଷାଧକ୍ଷ ଭାବେ ରାମଚନ୍ଦ୍ର ମହାନ୍ତି ମନୋନୀତ ହୋଇଛନ୍ତି। ରଶ୍ମିତା ନାୟକ, ସରୋଜ ଲକ୍ଷ୍ମୀ ଦାସ, ଯାଜ୍ଞସିନୀ ପ୍ରଧାନ, ମାଣିକ ବଳ, ସଞ୍ଜୟ ମହାପାତ୍ର, ତରଣୀ ସେନ ସେଠୀ, ମୁନୀନ୍ଦ୍ର ପରିଡ଼ା, ସୂର୍ଯ୍ୟ ନାରାୟଣ ସାହୁ, ଗୋପାଳକୃଷ୍ଣ ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ଅଜୟ ସାହୁ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ମିଳିମିଶି କଲେଜର ବିକାଶ କରିବା ପାଇଁ ଛାତ୍ରୀଛାତ୍ରମାନେ ବୈଠକରେ ନିଷ୍ପତ୍ତି ନେଇଛନ୍ତି।

# ଘୁମୁସରୀ ଗାଈ ସଂରକ୍ଷଣ ସମ୍ବନ୍ଧୀୟ କର୍ମଶାଳା

## ଔଷଧ ପାଇଁ ବିକ୍ରି ହେବ କ୍ଷୀର, ମୂତ୍ର, ଗୋବର



ଡ.ସୁଶାନ୍ତ କୁମାର ଦାସ ଉଦ୍‌ବୋଧନ ଦେଉଛନ୍ତି।

**ଭଞ୍ଜନଗର,୧୪।୭(ଡି.ଏନ.ଏ.)**

ଘୁମୁସରୀ ଗୋ-ପ୍ରଜାତିଙ୍କ ଉନ୍ନୟନ, ସୁରକ୍ଷା ଓ ସଂରକ୍ଷଣ ସମ୍ବନ୍ଧୀୟ କର୍ମଶାଳା ରବିବାର ଭଞ୍ଜନଗର ପ୍ରାଣୀ ସମ୍ପଦ ନିରୀକ୍ଷକ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଘୁମୁସରୀ ଗୋ-ପ୍ରଜାତି ବିକାଶ ଓ ସଂରକ୍ଷଣ ସୁରକ୍ଷା ସମିତି ଓ ସରକାରଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓୟୁଏଟି ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଘୁମୁସରୀ ଗାଈର ମହତ୍ତ୍ୱ ଉପରେ କହିଥିଲେ। ଡେପୁଟି ଡାଇରେକ୍ଟର ଡ. ମଧୁସୂଦନ ସୁବୁଦ୍ଧି, ଏସ୍‌ଡିଭିଓ ଡ.ବନମାଳୀ ସାହୁ, ଚିଲିକା ମଇଁଷି ପ୍ରଜନନ ସମିତିର ସମ୍ପାଦକ ପ୍ରଭାସ ରାୟ, ଖରିଆର ଗୋ ପ୍ରଜନନ ସମିତିର ସମ୍ପାଦକ ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀମାନେ ଘୁମୁସରୀ ଦେଶୀ ଗାଈର ମହତ୍ତ୍ୱ ବୁଝି ପାରୁନାହାନ୍ତି। ଏହି ଗାଈଙ୍କ ମୂତ୍ର, ଗୋବର, କ୍ଷୀରରେ ଔଷଧୀୟ ଗୁଣ ଅଛି। କ୍ୟାନସର ପ୍ରତିରୋଧ କରିବା ଭଳି ଶକ୍ତି ଅଛି। ତେଣୁ ଆଗାମୀ ଦିନରେ ଏସବୁ ବିଭିନ୍ନ କମ୍ପାନୀକୁ ବିକ୍ରି ଯୋଜନା ଅଛି। ତେଣୁ ଉନ୍ନତମାନର ଘୁମୁସରୀ ଗାଈ ପାଳନ କରିବାକୁ ପଡ଼ିବ। ଏହି ପ୍ରଜାତିର ଗାଈଙ୍କ ସଂରକ୍ଷଣ ଓ ଉନ୍ନତି ପାଇଁ ସରକାର ଆଗାମୀ ଦିନରେ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବେ। ସେହିପରି ଘୁମୁସରୀ ଗାଈରୁ ଉନ୍ନତମାନର ଅଣ୍ଡିରା ବାଛୁରି ପ୍ରଜନନ ଯୋଜନା ଅଛି। ଏହାପରେ ଉନ୍ନତମାନର ଶୁକ୍ରାଣୁ ସଂଗ୍ରହ କରାଯିବ। ଘୁମୁସରୀ ଗାଈ ସମସ୍ତ ପାଣିପାଗରେ ଖାପଖୁଆଇ ଚଳିପାରେ। ଏପରି ଗାଈଙ୍କ କ୍ଷୀର ପରିମାଣ କିଭଳି ବଢ଼ିବ ସେ ନେଇ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ଏହାହେଲେ ଘୁମୁସରୀ ଗାଈ ଚାଷ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଘୁମୁସରୀ ଗୋ ପ୍ରଜାତି ବିକାଶ ଓ ସଂରକ୍ଷଣ ସୁରକ୍ଷା ସମିତିର ସମ୍ପାଦକ ପ୍ରକାଶ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଚାଷୀ ଓ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ବ୍ୟାଙ୍କ ପିଓ ପାଇଁ କ୍ୟାରିୟର କାଉନ୍‌ସେଲିଂ

**ଫୁଲବାଣୀ ଅଫିସ,୧୪।୭**

ବିଭିନ୍ନ ବ୍ୟାଙ୍କରେ ପ୍ରୋବେଶନାରୀ ଅଫିସର(ପିଓ) ପାଇଁ ପ୍ରତିଯୋଗୀତା ମୂଳକ ପରୀକ୍ଷା ଦେବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ନିହାତି ଆବଶ୍ୟକ। କନ୍ଧମାଳ ଜିଲାର ଶିକ୍ଷିତ ଯୁବତୀ ଯୁବକଙ୍କୁ ଏ ଦିଗରେ ପ୍ରୋତ୍ସାହନ ଦେବା ଲାଗି ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଜିଲା ଇ-ଲାଇବ୍ରେରୀ ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ମହା ବିଦ୍ୟାଳୟରୁ ପ୍ରାୟ ୨୦୦ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରଶ୍ମୀ ରଞ୍ଜନ ମିଶ୍ର, ସୁଶାନ୍ତ କୁମାର ପଣ୍ଡା, ଶାନ୍ତନୁ କୁମାର ନାୟକ, ଦୁର୍ଗା ଚରଣ ସାହୁ ପ୍ରମୁଖ ଯୋଗଦେଇ ବ୍ୟାଙ୍କ ପିଓ ପାଇଁ କିଭଳି ପ୍ରସ୍ତୁତ ହେବାକୁ ପଡିବ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏଥିସହ ନିଜର ବ୍ୟାଙ୍କିଂ ଚାକିରି କ୍ଷେତ୍ରରେ ଅଭିଜ୍ଞତା ଉପରେ ସୂଚନା ଦେଇଥିଲେ। ପ୍ରଥମେ ନିଜର ଆତ୍ମ ବିଶ୍ୱାସ ସହ ପାଠପଢ଼ା ପ୍ରତି ଯତ୍ନବାନ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବଜାରରେ ମିଳୁଥିବା ପ୍ରତିଯୋଗିତା ପାଇଁ ବହିଗୁଡିକ ପଢ଼ି ଠିକ ସମୟରେ ଉତ୍ତର କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବା ପାଇଁ ବୟସ ସୀମା, ନିଜ କ୍ୟାରିୟର ମାର୍କ କେତେ ରହିବା ଆବଶ୍ୟକ, ଶତକଡା କେତେ ନମ୍ବର ରଖିଲେ ପରୀକ୍ଷାରେ ମନୋନୀତ ହୋଇ ପାରିବେ ସେନେଇ ପ୍ରଶ୍ନମାନ ପଚାରି ଉତ୍ତର ବୁଝିଥିଲେ। ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରକାଶକ ବୀରେନ୍ଦ୍ର କୁମାର ଦାସ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିବା ସହ ପରୀକ୍ଷାରେ କୃତ କାର୍ଯ୍ୟ ହେବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଣବ ପରିଡା, ବୈଦ୍ୟନାଥ ଖଟୁଆଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବ୍ୟାଙ୍କିଂ କ୍ୟାରିୟର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଘାଟିତ

**ଦିଗପହଣ୍ଡି,୧୪।୭(ଡି.ଏନ.ଏ.)**

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ରାଜ୍ୟ ସ୍ତରୀୟ କ୍ଷେତ୍ରୀୟ ଶିଶୁବାଟିକା କର୍ମଶାଳା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡିଶା ଯୋଜନା ଆନୁକୁଲ୍ୟରେ ଆୟୋଜିତ କର୍ମଶାଳାରେ ଶିକ୍ଷା ବିକାଶ ସମିତି ସଭାପତି ଡଃ.ବିନାୟକ ଦାସ ଦୀପ ପ୍ରଜ୍ୱଳନ କରି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସେହିପରି ଶିଶୁବାଟିକା ପ୍ରାନ୍ତୀୟ ସଂଯୋଜକ ପ୍ରଦୀପ ମଲ୍ଲିକ, ସମ୍ପାଦକ ସୁବାସ ସାହୁ, ଦକ୍ଷିଣ ପୂର୍ବ ସମ୍ଭାଗ ସମ୍ପାଦକ କିରଣ ପାଢ଼ୀ, ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଅବସରପ୍ରାପ୍ତ କଲେଜ ଅଧକ୍ଷ ଯୁଧୀଷ୍ଠିର ସ୍ୱାଇଁ ଓ ସ୍ଥାନୀୟ ବିଦ୍ୟାମନ୍ଦିର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପ୍ରଧାନ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି କର୍ମଶାଳାରେ ଅଭିଭାବକଙ୍କୁ ନେଇ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ପରିବାରର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳା ଦୀର୍ଘ ପାଞ୍ଚ ଦିନ ଧରି ଚାଲୁ ରହିବାକୁ ଯାଉଥିବା ବେଳେ ୫ ରାଜ୍ୟ (ଓଡ଼ିଶା, ଉତ୍ତରବଙ୍ଗ, ଦକ୍ଷିଣବଙ୍ଗ, ସିକିମ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ)ରୁ ପ୍ରାୟ ୧୮୦ ଜଣ ଶିକ୍ଷାର୍ଥୀ ସଂକୁଳ ଉପରିସ୍ଥ ଦାୟିତ୍ୱ ଥିବା ଆଚାର୍ଯ୍ୟା ଆଚାର୍ଯ୍ୟ ଯୋଗଦାନ କରିଛନ୍ତି। ସେହିପରି ଅଖିଳ ଭାରତୀୟ ସ୍ତରର କାର୍ଯ୍ୟକର୍ତ୍ତାମାନେ ତାଲିମ ପ୍ରଦାନ କରୁଛନ୍ତି। ମଙ୍ଗଳବାର ଏକ କଳସ ଶୋଭାଯାତ୍ରା କରାଯାଇ ଶିଶୁବାଟିକା ବଗିଚା ଓ କ୍ରୀଡାଙ୍ଗନକୁ ଉଦ୍‌ଘାଟନ କରାଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର ଓ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ମିଳିତ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ।




ଉପସ୍ଥିତ ଅତିଥିବୃନ୍ଦ।

# ଗାଁକୁ ପକ୍କା ରାସ୍ତା ନାହିଁ, ଚୁଆପାଣି ଭରସା

**ଦାରିଙ୍ଗବାଡ଼ି,୧୪।୭(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ପର୍ଡ଼ମାହା ପଞ୍ଚାୟତର ଦୁର୍ଗମ ଗ୍ରାମ କହମପଡ଼ିକୁ ରବିବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଗସ୍ତ କରିଛନ୍ତି। ଗାଁକୁ ସବୁଦିନିଆ ରାସ୍ତା ନାହିଁ କି ପିଇବା ପାଣି ବ୍ୟବସ୍ଥା ନାହିଁ। ଗ୍ରାମର ୬୦ ପରିବାରର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଲୋକ ଗୋଟିଏ ଚୁଆ ଉପରେ ନିର୍ଭର କରୁଛନ୍ତି। ଚୁଆକୁ ବି ସବୁଦିନିଆ ରାସ୍ତା ନାହିଁ। ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବିଧାୟକଙ୍କୁ ନିବେଦନ କରିଥିଲେ। ପିଇବା ସହ ଶୌଚ, ଗାଧୋଇବା ପାଇଁ ମଧ ସେହି ଚୁଆ ଉପରେ ନିର୍ଭର କରୁଛନ୍ତି। ଏନେଇ ବିଧାୟକଙ୍କ ନିକଟରେ ଅଭିଯୋଗ ପହଞ୍ଚିବାପରେ ପର୍ଡ଼ମାହା ଠାରୁ ପାହାଡ଼ ରାସ୍ତାରେ ଯାଇ ସେଠାରେ ପହଞ୍ଚିଥିଲେ। ଅଞ୍ଚଳବାସୀ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଇଥିଲେ। କୌଣସି ବିଧାୟକ ଆଜି ପର୍ଯ୍ୟନ୍ତ ଉକ୍ତ ଗ୍ରାମକୁ ଯାଇ ନାହାନ୍ତି। ପ୍ରଥମ ଥର ପାଇଁ ବିଧାୟକ ଯାଇଥିବାରୁ ଜନଜାତି ଅଧ୍ୟୁଷିତ ଗ୍ରାମରେ ଲୋକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଥିଲା। ପର୍ଡ଼ମାହାଠାରୁ କହମପଡ଼ି ହୋଇ କାଡ଼ିପାଙ୍ଗା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପକ୍କାରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଦୁଇଟି ନଳକୂପ ଖୋଳିବା ସହ ଗାଁକୁ ପକ୍କାରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ବିଧାୟକ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମର ପ୍ରାର୍ଥନାଗୃହରେ ଅନୁଷ୍ଠିତ ବୈଠକରେ ପ୍ରଶାନ୍ତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କହମପଡ଼ି ମଣ୍ଡଳ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା। ବିଧାୟକଙ୍କ ସହ ଜନଜାତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ତଥା ବହୁମୁଖି ସମବାୟ ସମିତିର ସଭାପତି ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ, ଦିପକ କୁମାର ସାହୁ, ମିଲୁ ସାହୁ, ପଠାଣୀ ସାହୁ, ଦିବ୍ୟ ନାୟକ, ଅନ୍ତରଙ୍ଗ ଯୁବ ମହାସଂଘର ସଭାପତି ଦିଲିପ କୁମାର ସାହୁ, ବେଲାଲସେନ ନାୟକ, ପଞ୍ଚାନନ ସାହୁ, ୱାର୍ଡ଼ସଭ୍ୟ ପାଣ୍ଡୁ ସାହୁ, ସାଞ୍ଜିରା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗ୍ରାମର ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

**କହମପଡ଼ିରେ ବିଧାୟକ**



ବିଧାୟକ ସାଲୁଗା ପ୍ରଧାନଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

